दिनाङ्क : ........../१२/२०१९

**ସନ୍ଥ ଶ୍ରୀ ଆଶାରାମଜୀ ଆଶ୍ରମ ଦ୍ୱାରା ସଞ୍ଚାଳିତ**

ଶ୍ରୀ ଯୋଗ ବେଦାନ୍ତ ସେବା ସମିତି, ...............

ସମ୍ପର୍କ : --------------

# ଶ୍ରୀମଦ୍‌ଭଗବଦ୍‌ଗୀତା ଜୟନ୍ତୀ ଓ ତୁଳସୀ ପୂଜନ କାର୍ଯ୍ୟକ୍ରମ

ପ୍ରେରଣାସ୍ରୋତ : ସନ୍ଥ ଶ୍ରୀ ଆଶାରାମଜୀ ବାପୁ

ପ୍ରତି,
ପ୍ରଧାନ ଶିକ୍ଷକ/ଶିକ୍ଷୟିତ୍ରୀ/ପ୍ରଧାନାଚାର୍ଯ୍ୟ

-----------------------------------------------

ବିଷୟ : ଶ୍ରୀମଦ୍‌ଭଗବଦ୍‌ଗୀତା ଜୟନ୍ତୀ (ଡିସେମ୍ବର ୮) ଓ ତୁଳସୀ ପୂଜନ ଦିବସ (ଡିସେମ୍ବର ୨୫) ନିମନ୍ତେ ଦିନାଙ୍କ....................ରେ ଆପଣଙ୍କ ବିଦ୍ୟାଳୟରେ କାର୍ଯ୍ୟକ୍ରମ ଆୟୋଜନ ହେତୁ ଅନୁମତି ପ୍ରଦାନ କରିବା ସନ୍ଦର୍ଭରେ ।

ମହୋଦୟ,
ସପ୍ରେମ ସାଦର ନମସ୍କାର !

ସମସ୍ତ ବେଦ, ଉପନିଷଦ୍‌ର ଅମୃତ ସରଳ ଭାଷାରେ ଯେଉଁ ଗ୍ରନ୍ଥରେ ଅଛି ଏବଂ ଯେଉଁଥିରେ ସମସ୍ତ ଦେଶ, ଜାତି, ପନ୍ଥର ମନୁଷ୍ୟମାନଙ୍କ କଲ୍ୟାଣର ଅଲୌକିକ ସାମଗ୍ରୀ ଭରି ରହିଛି ତାହା ହେଉଛି ଶ୍ରୀମଦ୍‌ଭଗବଦ୍‌ଗୀତା । ବିଦ୍ୟାର୍ଥୀମାନଙ୍କ ପାଇଁ ତ ଏହା ଭାବୀ ଜୀବନରୂପୀ ପ୍ରାସାଦର ମୂଳଦୁଆକୁ ସୁଦୃଢ଼ କରାଉଥିବା ସଂହିତା ହିଁ ଅଟେ । ଏହାର ଅଧ୍ୟୟନ, ଅନୁସରଣ କରି ପ୍ରତ୍ୟେକ ବ୍ୟକ୍ତି ନିଜର ବର୍ତ୍ତମାନ ଓ ଭବିଷ୍ୟତ ଉଜ୍ଜ୍ୱଳ, ସଫଳ କରିପାରିବେ । ଆଜି ଗୀତା ଦେଶ-ବିଦେଶରେ ପାଠ୍ୟକ୍ରମର ଅଙ୍ଗ ହେବାରେ ଲାଗିଛି । ବିଶ୍ୱର ଶ୍ରେଷ୍ଠତମ ପ୍ରବନ୍ଧକୀୟ ସଂସ୍ଥାନମାନଙ୍କରେ 'ଗୀତା' ପଢ଼ାଯାଉଅଛି । ବିଦେଶର ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କରେ ବରିଷ୍ଠ ଅଧିକାରୀମାନଙ୍କୁ ଗୀତାର ପ୍ରଶିକ୍ଷଣ ଦିଆଯାଏ । ଏହାଦ୍ୱାରା ସେମାନଙ୍କର କାର୍ଯ୍ୟକୁଶଳତାରେ ବୃଦ୍ଧି ହୋଇଛି ।

ବିଦ୍ୟାର୍ଥୀ ଗୀତାର ମହତ୍ତ୍ୱ ବୁଝି ତାହାର ସ୍ୱାଧ୍ୟାୟ କରନ୍ତୁ, ଯଦ୍ଦ୍ୱାରା ସେମାନଙ୍କ ଜୀବନରେ ସାହସ, ସଫଳତା, ସମତା, ଶାନ୍ତି ଓ ଧର୍ମ ଆଦି ଦୈବୀ ଗୁଣ ବିକଶିତ ହେଉ । ଏହି ଉଦ୍ଦେଶ୍ୟକୁ ନେଇ ପୂଜ୍ୟ ସନ୍ଥ ଶ୍ରୀ ଆଶାରାମଜୀ ବାପୁଙ୍କର ପ୍ରେରଣାରେ ବିଦ୍ୟାଳୟମାନଙ୍କରେ ଗୀତା ଜୟନ୍ତୀ ନିମନ୍ତେ କାର୍ଯ୍ୟକ୍ରମ କରାଯାଏ । ବିଗତ ବର୍ଷମାନଙ୍କରେ ଯେଉଁସବୁ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ହୋଇଛି ସେଠାକାର ଲୋକ ଏହାର ଖୁବ୍ ପ୍ରଶଂସା କରୁଛନ୍ତି ଏବଂ ବିଦ୍ୟାର୍ଥୀମାନଙ୍କ ଜୀବନରେ ଏହାର ସୁପ୍ରଭାବ ଦେଖିବାକୁ ମିଳୁଛି ।

ମନକୁ ସୁସ୍ଥ ଓ ସୁଯୋଗ୍ୟ କରିବାରେ ଗୀତା ଏବଂ ମନକୁ ସୁସ୍ଥ ରଖିବାରେ ତୁଳସୀ ଖୁବ୍ ଉପଯୋଗୀ । ଶାସ୍ତ୍ରରେ କୁହାଯାଇଛି : 'ସମଗ୍ର ସଂସାରର ଫୁଲ ଓ ପତ୍ରରୁ ଯେତେବି ପଦାର୍ଥ ବା ଔଷଧ ପ୍ରସ୍ତୁତ ହୁଏ, ସେସବୁ ଦ୍ୱାରା ଯେତିକି ଆରୋଗ୍ୟ ମିଳେ ସେତିକି ହିଁ ଆରୋଗ୍ୟ ତୁଳସୀର ଅଧା ପତ୍ରରୁ ମିଳିଯାଏ ।' ଏଥିପାଇଁ ଆମ ସଂସ୍କୃତିରେ ପ୍ରତ୍ୟେକ ଘର-ପ୍ରାଙ୍ଗଣରେ ତୁଳସୀ ଲଗାଇବାର ପରମ୍ପରା ଅଛି ।

ପାଶ୍ଚାତ୍ୟର ଅନ୍ଧାନୁକରଣ ଦ୍ୱାରା ସମାଜରେ ଚିନ୍ତା, ଉଦ୍‌ବିଗ୍ନତା, ଅଶାନ୍ତି ଓ ବିଭିନ୍ନ ଶାରୀରିକ ଏବଂ ମାନସିକ ରୋଗ ବୃଦ୍ଧି ପାଇବାରେ ଲାଗିଛି । ଏଥିରୁ ରକ୍ଷା ପାଇବାର ସରଳ ଉପାୟ ହେଉଛି ଲୋକ 'ଗୀତା-ଜ୍ଞାନ' ଏବଂ ତୁଳସୀର ମହତ୍ତ୍ୱ ଜାଣନ୍ତୁ, ଭାରତୀୟ ସଂସ୍କୃତି ଓ ସନ୍ଥ-ମହାପୁରୁଷମାନଙ୍କ ଜ୍ଞାନର ଆଶ୍ରୟ ନିଅନ୍ତୁ ।

ବିଶ୍ୱରେ ସୁଖ, ସୌହାର୍ଦ୍ଦ୍ୟ, ସ୍ୱାସ୍ଥ୍ୟ, ଶାନ୍ତି ଦ୍ୱାରା ଜନସାଧାରଣଙ୍କର ଜୀବନ ମଙ୍ଗଳମୟ ହେଉ, ଏହି ଲୋକହିତକାରୀ ଉଦ୍ଦେଶ୍ୟରେ ପୂଜ୍ୟ ସନ୍ଥ ଶ୍ରୀ ଆଶାରାମଜୀ ବାପୁଙ୍କର ପବିତ୍ର ପ୍ରେରଣାରେ ଡିସେମ୍ବର ୨୫କୁ 'ତୁଳସୀ ପୂଜନ ଦିବସ' ପାଳନ କରିବାର ପଦକ୍ଷେପ ନିଆଯାଇଛି । ନିୟମିତ ତୁଳସୀ ପତ୍ର ଖାଇଲେ ବିଦ୍ୟାର୍ଥୀମାନଙ୍କର ସ୍ମରଣଶକ୍ତିରେ ବୃଦ୍ଧି ହୁଏ । ତୁଳସୀ-ପୂଜନ ଦ୍ୱାରା ବିଦ୍ୟାର୍ଥୀମାନଙ୍କର ବୁଦ୍ଧିବଳ, ଆରୋଗ୍ୟବଳ, ମନୋବଳ ଓ ଚାରିତ୍ର୍ୟବଳ ବୃଦ୍ଧି ପାଇବ ଯଦ୍ଦ୍ୱାରା ସେମାନଙ୍କର ଜୀବନର ସର୍ବାଙ୍ଗୀଣ ବିକାଶ ହେବ ।

ଆମର ପୂର୍ଣ୍ଣ ବିଶ୍ୱାସ ଅଛି ଯେ ଆପଣ ଗୀତା ଜୟନ୍ତୀ ଏବଂ ତୁଳସୀ ପୂଜନ କାର୍ଯ୍ୟକ୍ରମର ଦିବ୍ୟ ଆୟୋଜନରେ ନିଜର ଯୋଗଦାନ ଅବଶ୍ୟ ଦେବେ । ଆପଣଙ୍କର ସହଯୋଗ ବିଦ୍ୟାର୍ଥୀମାନଙ୍କୁ ସୁସଂସ୍କାରୀ କରିବା ଓ ସେମାନଙ୍କ ସ୍ୱାସ୍ଥ୍ୟ ଓ ଚରିତ୍ରର ରକ୍ଷା ଏବଂ ଦେଶର ଉନ୍ନତିରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ।

କୃତଜ୍ଞତାର ସହିତ,

ଭବଦୀୟ